# Akashvani, Sambalpur

## SAMBALPURI NEWS EVENING BULLETIN

**20 November 2024- 7.02 pm- 7.12 pm.**

*********************************************

୧- ଓଡ଼ିଶା ନ ପୁଞ୍ଜିନିବେଶ୍ କର୍‌ବାର୍‌କେ ସିଙ୍ଗାପୁର୍‌ର ଭିନ୍ ଭିନ୍ ଶିଳ୍ପସଂସ୍ଥାର୍ ପ୍ରତିନିଧିମାନ୍‌କର୍ ସାଙ୍ଗେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ ।

୨- ରାଏଜେ ଖରିଫ୍ ଧାନ୍ ଘିନା ପ୍ରକ୍ରିୟା ଆଏଜ୍‌ଠାନୁ ହେଲା ମୁଲ୍ ।

୩- ଆଏବା ଫେବୃଆରୀ ୧୮ ତାରିଖ୍‌ନୁ ମୁଲ୍ ହେବା ଯୁକ୍ତ ଦୁଇ ପରୀକ୍ଷା ।

ଆଉର୍

୪- ବାତ୍ୟା ‘ଦାନା’ଥି ନୁକ୍‌ସାନ୍‌ର ଆକଲନ୍ କର୍‌ବାର୍‌କେ ୩ ଦିନିଆ ଓଡ଼ିଶା ଗସ୍ତଥି ଆସ୍‌ବେ କେନ୍ଦ୍ରୀୟ ଦଲ୍ ।

ମୁଖ୍ୟମନ୍ତ୍ରୀ -ସିଙ୍ଗାପୁର୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ୪ ଦିନିଆ ଗସ୍ତଥି ସିଙ୍ଗାପୁର୍ ଯାଇକରି ଭିନ୍ ଭିନ୍ ଶିଳ୍ପ ସଂସ୍ଥାର ପ୍ରତିନିଧି, ପ୍ରବାସୀ ଓଡ଼ିଆ ମାନ୍‌କୁ ଭେଟିକରି ଓଡ଼ିଶା ନ ପୁଞ୍ଜିନିବେଶ୍ କର୍‌ବାର୍ ଉପ୍‌ରେ ଆଲୋଚନା କରିଛନ୍ । ଇବାବ୍‌ଦେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଇ ୪ ଦିନ୍ ଭିତ୍‌ରେ ଭିନ୍ ଭିନ୍ ଶିଳ୍ପସଂସ୍ଥାର୍ ପ୍ରତିନିଧି ମାନ୍‌କର୍ ସାଙ୍ଗେ ଓଡ଼ିଶା ନ ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଆମୋନିଆ, ଶୀତଲ୍‌ଭଣ୍ଡାର୍ ମାନ୍ୟୁପେକ୍‌ଚରିଂ ୟୁନିଟ୍ ବାଗିର୍ ଶିଳ୍ପ ଉପ୍‌ରେ ପୁଞ୍ଜି ନିବେଶ୍ କର୍‌ବାର୍‌କେ ଆଲୋଚନା ହେଇଛେ । ସିଙ୍ଗାପୁର୍‌ର ପ୍ରବାସୀ ଓଡ଼ିଆଙ୍କର୍ ସାହାଜ୍ ଆର୍ ଭାଗିଦାରୀ ଓଡ଼ିଶାକେ ବିଶ୍ୱସ୍ତର୍‌କେ ପହଁଚାବାର୍‌ଥି ସଶକ୍ତ କରିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ ଆଏବା ଜାନୁଆରୀ ୮ ଆର୍ ୧୦ ତାରିଖ୍ ଦିନ ଭୁବ୍‌ନେଶ୍ୱର୍ ନ ହେବାର୍‌କେ ଥିବା ପ୍ରବାସୀ ଭାରତୀୟ ଦିବସ୍‌ଥି ଯୋଗ୍ ଦେବାର୍‌କେ ପ୍ରବାସୀ ଓଡ଼ିଆମାନ୍‌କୁ ନିଉତା ଦେଇଛନ୍ । ସେନ୍ତା ଜାନୁଆରୀ ୨୮ ଆର୍ ୨୯ ତାରିଖ୍ ଦିନ ହେବାର୍‌କେ ଥିବା ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ- ୨୦୨୫ଥି ଯୋଗ୍ ଦେବାର୍‌କେ ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ ଶିଳ୍ପସଂସ୍ଥାର୍ ପ୍ରତିନିଧି ଆର୍ ପ୍ରବାସୀ ଓଡ଼ିଆଙ୍କୁ ନିଉତା ଦେଇଥିଲେ ।

ଖରିଫ୍ ଧାନ୍ ଘିନା ଆର୍‌ଏନ୍‌ୟୁ/ କଟକ୍/ ବର୍‌ଗଡ୍

ରାଏଜେ ଖରିଫ୍ ଧାନ୍ ଘିନା ପ୍ରକ୍ରିୟା ଆଏଜ୍‌ଠାନୁ ମୁଲ୍ ହେଇଛେ । ବର୍‌ଗଡ୍ ଜିଲ୍ଲା ନ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଧାନ୍ ଘିନା ପ୍ରକ୍ରିୟା ମୁଲ୍ କରିଛନ୍ । ଜିଲ୍ଲାର୍ ୩ ଟା ମଣ୍ଡି ନ ଆଏଜ୍‌ଠାନୁ ଚାଷୀମାନେ ଧାନ୍ ବିକି ପାର୍‌ବେ । ପହେଲା କଳାପାଣି ମଣ୍ଡିନୁ ଧାନ୍ ସଂଗ୍ରହ ହେଇଥିବାର୍ ବେଲେ ପଛେ ଅତାବିରା ଆଉ ଗୋଡ଼ଭଗା ମଣ୍ଡିନୁ ଧାନ୍ ସଂଗ୍ରହ ମୁଲ୍ ହେଇଛେ । ଆଏବା କାଏଲ୍ ସମ୍ବଲ୍‌ପୁର୍ ନ ଧାନ୍ ଘିନା ମୁଲ୍ ହେବା । ଇ ବାବ୍‌ଦେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ଯେ, ଧାନ୍ ଘିନା ନୁ ନେଇକରି ବିକ୍ରିତକ୍ ସବୁ ପ୍ରକ୍ରିୟା ଉପ୍‌ରେ ସର୍‌କାର୍ ତୀକ୍ଷ୍ଣ ନଜର୍ ରଖିବେ ।

(ଭଏସ୍ ଓଭର୍- କୃଷ୍ଣଚନ୍ଦ୍ର ପାତ୍ର)

ଚାଷୀମାନ୍‌କର୍‌ନୁ କୁଇଂଟାଲ୍ ପିଛା ୩ ହଜାର୍ ଶହେ ଟଙ୍କାଥି ଧାନ୍ ଘିନା ଯିବା । କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ଧାରିଜ୍ ହେଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ଉପ୍‌ରେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ କୁଇଂଟାଲ୍ ପିଛା ୮ ଶହ ଟଙ୍କା ଦିଆଯିବା । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟ ସର୍‌କାର୍ ଚଲ୍‌ତି ଖରିଫ୍ ଋତୁଥି ୮୦ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନା ଲାଗି ଲକ୍ଷ୍ୟ ରଖିଛନ୍ । ଧାନ୍ ଘିନା ପ୍ରକ୍ରିୟା ଆଏବା ଜାନୁଆରୀ ଶେଷ୍‌ତକ୍ ଚାଲ୍‌ବା ବଲି ଜନାପଡ଼ିଛେ ।

ସମ୍ବଲ୍‌ପୁର୍ ଧାନ୍ ଘିନା ବୈଠକ୍-ଯୋଗାଣମନ୍ତ୍ରୀ

ସମ୍ବଲପୁର୍ ସମ୍ବାଦଦାତା

ଇ ଖରିଫ୍ ଋତୁଥି ଯେନ୍ ଚାଷୀମାନେ ଠିକ୍ ସମିଆଥି ଧାନ୍ ନାଇଁ ବିକି ପାର୍‌ବେ ସେମାନ୍‌କୁ ଜିଲ୍ଲାପାଲ୍‌ଙ୍କର୍ ଜରିଏ ୭ ଦିନ୍ ଅଏତ୍‌କା ସମିଆ ଦିଆଯିବା ବଲି ଖାଦ୍ୟ ଆଉ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସମ୍ବଲ୍‌ପୁର୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଧାନ୍ ଘିନା ବାବ୍‌ଦେ ଆଏଜ୍ ହେଇଥିବା ଗୁଟେ ସମୀକ୍ଷା ବୈଠକ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ କହିଛନ୍ ଯେ, ଜିଲ୍ଲାକେ ଅଲ୍‌ଗା ରାଜ୍ୟର୍ ଧାନ୍ ଯେନ୍ତା ନାଇଁ ଆସ୍‌ବା ସେଥିର୍‌ଲାଗି ସିସିଟିଭି କେମ୍‌ରା ଲଗାଯିବାର୍ ସହେତେ ପେଟ୍ରୋଲିଂ ଗାଡ଼ି ବୁଲ୍‌ବା । ଯେନ୍ ଜାଗା ନ ମଣ୍ଡି ନାଇଁନ ସେନ ଅସ୍ଥାୟୀ ମଣ୍ଡି ବ୍ୟବସ୍ଥା କରାଯିବା ବଲି ମନ୍ତ୍ରୀ କହିଛନ୍ ।

ଧାନ୍ ଘିନା ବୈଠକ୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲାପରିଷଦ୍ ସମ୍ମିଲନୀ କକ୍ଷ ନ ଖରିଫ୍ ଧାନ୍ ଘିନା ଲାଗି ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍‌ଥି ଆଏବା ମାସ ୧୩ ତାରିଖ୍‌ନୁ ଜିଲ୍ଲାନୁ ଧାନ୍ ଘିନାଯିବା ବଲି ନିଷ୍ପତି ନିଆଯାଇଛେ । ଇ ଖରିଫ୍ ଋତୁଥି ପହେଲା ଖେପେ

୧୯ ହଜାର୍ ୬ ଶହ ୩୩ ଝନ୍ ଚାଷୀଙ୍କର୍‌ନୁ ୫ ଲାଖ୍ ୫୦ ହଜାର୍ କ୍ୱିଂଟାଲ୍ ଧାନ୍ ଘିନ୍‌ବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ଇଥିର୍‌ଲାଗି ୫୨ ଟା ମଣ୍ଡି ଖୁଲାଯିବା । ଜିଲ୍ଲାର୍ ୩ ଟା ବ୍ଲକ୍ ନ ମୋଡ଼େଲ୍ ମଣ୍ଡି ଖୁଲାଯିବା । ଫି' ଧାନ୍ ଘିନା କେନ୍ଦ୍ର ନ ସିସିଟିଭି ଧାନର୍ ମାନ ନିରୂପଣ ଯନ୍ତ୍ରପାତି, ଧାନ୍ ଓଜନ୍ ଯନ୍ତ୍ର ଠିକ୍ କରି ନିରୀକ୍ଷଣ୍ କର୍‌ବାର୍‌କେ ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଥିଲେ ।

ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ଆର୍‌ଏନ୍‌ୟୁ/

ରାଏଜେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ - ସିଏଚ୍‌ଏସ୍‌ଇ ତର୍‌ଫୁ ହେଉଥିବା ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା-୨୦୨୫ ଆଏବା ଫେବୃଆରୀ ମାସେ ହେବା । ଫେବୃଆରୀ ୧୮ ତାରିଖ୍‌ନୁ ୨୭ ତାରିଖ୍‌ତକ୍ ଯୁକ୍ତ ଦୁଇ ଥିଓରୀ ପରୀକ୍ଷା କରାଯିବା । ସେନ୍ତା ଜାନୁଆରୀ ୨ ତାରିଖ୍‌ନୁ ୧୨ ତାରିଖ୍‌ତକ୍ ପ୍ରାକ୍ଟିକାଲ୍ ପରୀକ୍ଷା ହେବା ବଲି ସିଏଚ୍‌ଏସ୍‌ଇ ତର୍‌ଫୁ ସୂଚ୍‌ନା ମିଲିଛେ । ମିଲିଥିବା ସୂଚ୍‌ନା ଅନ୍‌ସାରେ ଫେବୃଆରୀ ୧୮ ତାରିଖ୍ ଦିନ ବିଜ୍ଞାନ୍ ଆଉ ଧନ୍ଦାମୂଲକ୍ ବିଷୟଥି ପରୀକ୍ଷା ହେବା । ସେନ୍ତା ଫେବୃଆରୀ ୧୯ ତାରିଖ୍ ଦିନ କଳା ଆଉ ବାଣିଜ୍ୟର୍ ଥିଓରି ପରୀକ୍ଷା କରାଯିବା ।

ହରେକୃଷ୍ଣ ମହତାବ ଜୟନ୍ତୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଆ ଭାଷା, ସାହିତ୍ୟ ଆର୍ ସଂସ୍କୃତି ବିଭାଗ୍ ତର୍ଫୁ ଉତ୍କଳ କେଶରୀ ଡକ୍ଟର୍ ହରେକୃଷ୍ଣ ମହତାବଙ୍କର୍ ଶହେ ୨୫ ନମ୍ବର୍ ଜନ୍ମ ବାର୍ଷିକୀ ସ୍ମରଣ ଉତ୍ସବ ଆଏବା କାଏଲ୍ ଭୁବ୍‌ନେଶ୍ୱର୍‌ର ରବୀନ୍ଦ୍ର ମଣ୍ଡପ୍ ନ ହେବା । ଇ ଉତ୍ସବ୍ ୩ ଦିନ୍ ଧରିକରି ଚାଲ୍‌ବା । ଆଏବା କାଏଲ୍ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆର୍ ୨୩ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍‌ଦେବେ ।

କେନ୍ଦ୍ରୀୟ ଦଲ -ବାତ୍ୟା ଦାନା କ୍ଷୟକ୍ଷତି ଆର୍‌ଏନ୍‌ୟୁ/ କଟକ୍

ସାମୁଦ୍ରିକ ବାତ୍ୟା ଦାନାର କ୍ଷୟକ୍ଷତିର ଆକଲନ୍ କର୍‌ବାର୍ ଲାଗି ଆଏବା ୨୪ ତାରିଖ୍ ଦିନ ଗୁଟେ କେନ୍ଦ୍ରୟ ଦଲ୍ ଓଡ଼ିଶା ଗସ୍ତଥି ଆସ୍‌ବେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ଗୃହ ମନ୍ତ୍ରଣାଳୟର୍ ଯୁଗ୍ମ ସଚିବ ପି.କେ ରାୟଙ୍କର୍ ଅଧ୍ୟକ୍ଷତାଥି ୭ ଝନିଆ ଦଲ୍ ବାଲେଶ୍ୱର୍, ଭଦ୍ରକ ଆଉ କେନ୍ଦ୍ରାପଡ଼ା ଜିଲ୍ଲାର୍ ବାତ୍ୟା ପ୍ରଭାବିତ୍ ଇଲାକାମାନ୍‌କେ ଯାଇକରି କ୍ଷୟକ୍ଷତିର୍ ଆକଲନ୍ କର୍‌ବେ । କେନ୍ଦ୍ରୀୟ ଦଲ୍ ଇ ତିନ୍‌ହି ଜିଲ୍ଲା ଗସ୍ତ ସାରିକରି ୨୬ ତାରିଖ୍ ଦିନ ଭୁବ୍‌ନେଶ୍ୱର୍ ନ ବରିଷ୍ଠ

ଅଧିକାରୀମାନ୍‌କର୍ ସାଙ୍ଗେ ଗୁଟେ ବୈଠକ୍ କରବାର୍ କାର୍ଯ୍ୟକ୍ରମ୍ ରହିଛେ ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୪ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ମସ୍ୟ ଆଉ ପ୍ରାଣୀ ସମ୍ପଦ୍ ମେଳା-ଉଦ୍ଯାପିତ  ବୌଦ୍ଧ

ସମ୍ବାଦଦାତା

ବୌଦ୍ଧ କଚ୍ରୀ ପଡ଼ିଆ ଠାନେ ଚାଲିଥିବା ଜିଲ୍ଲାସ୍ତରୀୟ ୨ ଦିନିଆ ମସ୍ୟ ଆଉ ପ୍ରାଣୀ ସମ୍ପଦ୍ ମେଳା ଆଏଜ୍ ଉଦ୍ଯାପିତ୍ ହେଇଛେ । ଇ ଉଦ୍ଯାପନୀ ଉତ୍ସବ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ଅଧ୍ୟକ୍ଷତା କରିଥିବାର୍ ବେଲେ ମୁଖ୍ୟଅତିଥି ଭାବେ ବୌଦ୍ଧ ଏନ୍ଏସିର ଚେୟାର୍‌ମେନ୍ ମୃତ୍ୟୁଞ୍ଜୟ ମିଶ୍ର ଯୋଗ୍ ଦେଇଥିଲେ । ଇ ମେଳା ଅବ୍‌ସରେ ଜିଲ୍ଲାର୍ ସଫଲ୍ ଚାଷୀ, ସ୍ୱୟଂସହାୟକ ଗୋଷ୍ଠୀମାନ୍‌କୁ ମାନପତ୍ର ଦେଇକରି ପୁରସ୍କୃତ କରାଯାଇଛେ ।

ହାତୀ ଗଣ୍‌ନା        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ହାତୀ ଗଣ୍‌ନା ଆଏଜ୍ ଶେଷ୍ ହେଇଛେ । ଗଲା ୧୪ ତାରିଖ୍‌ନୁ ଗଲାକାଏଲ୍‌ତକ୍ ଜିଲ୍ଲାର୍ ୩ ଟା ରେଞ୍ଜ୍‌ଥି ହାତୀ ଗଣ୍‌ନା କାମ୍ ଚାଲିଥିଲା । ହେଲେ କେନ୍‌ସି ରେଞ୍ଜ୍‌ଥି ଗୁଟେ ଭିଲ୍ ହାତୀ ନାଇଁନ ବଲି ଜଙ୍ଗଲ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ ।

ବୈଜ୍ଞାନିକ ଉପଦେଷ୍ଟା କମିଟିର୍ ବୈଠକ       ସୁବର୍ଣ୍ଣପୁର୍

ସୁବର୍ଣ୍ଣପୁର୍ ଜିଲ୍ଲା କୃଷି ବିଜ୍ଞାନ୍ କେନ୍ଦ୍ର ସମ୍ମିଳନୀ କକ୍ଷ ନ ୨୧ ନମ୍ବର୍ ବୈଜ୍ଞାନିକ ଉପଦେଷ୍ଟା କମିଟିର୍ ବୈଠକ୍ ଆଏଜ୍ ହେଇଯାଇଛେ । ଇଥି କୃଷି ବିଜ୍ଞାନ୍ କେନ୍ଦ୍ରର୍ ମୁଖ୍ୟ ଡକ୍ଟର୍ ବିଶ୍ୱରଞ୍ଜନ୍ ପଟ୍ଟନାୟକ୍ ଅଧ୍ୟକ୍ଷତା କରିଥିଲେ । ଚାଷୀମାନ୍‌କର୍ ଆୟକେ ଦୁଇଗୁନା କର୍‌ବାର୍, ଅର୍ଥକାରୀ ଫସଲ୍ ଦାଏଲ୍ ଆର୍ ତୈଲବୀଜ ଚାଷ୍‌କେ ଜୋର୍ ଦେବାର୍ ବାଗିର୍ ଭିନ୍ ଭିନ୍ ବିଷେ ଉପ୍‌ରେ କୃଷି ବୈଜ୍ଞାନିକ ମାନେ ଆଲୋଚନା କରିଛନ୍ । ଖାସ୍ କରି କେନ୍ଦ୍ର ସର୍‌କାର୍‌ଙ୍କର୍ କୃଷି ସଶକ୍ତିକରଣ୍ ଯୋଜ୍‌ନା ମାନ୍‌କୁ ଆଏବା ବଛରେ ସୁବର୍ଣ୍ଣପୁର୍ ଜିଲ୍ଲା ନ ଭଲ୍ ଭାବେ କାର୍ଯ୍ୟକାରୀ କର୍‌ବାର୍‌କେ ବୈଠକ୍‌ଥି ନିଷ୍ପତି ନିଆଯାଇଛେ । ଇ ବୈଠକ୍‌ଥି ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର୍ ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର୍ ସର୍ବାଣୀ ଦାସ, ଉପ ନିର୍ଦ୍ଦେଶକ ସୁଚିସ୍ମିତା ଜେନା ଆର୍ ନାବାର୍ଡ଼ର ଡିଡିଏମ୍ ସତ୍ୟସ୍ୱରୂପ ବେଦାନ୍ତଙ୍କର୍ ସହେତେ ଭିନ୍ ଭିନ୍ ଇଲାକାର୍ ଚାଷୀମାନେ ଯୋଗ୍ ଦେଇଥିଲେ ।

ଜିଏସ୍‌ଟି ସଚେତନତା ରଥ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଦ୍ରବ୍ୟ ଆଉ ସେବାକର ବିଭାଗ୍ ତର୍‌ଫୁ ଗୁଟେ ଜିଏସ୍‌ଟି ସଚେତନତା ରଥର ଆଏଜ୍ ଶୁଭାରମ୍ଭ ହେଇଛେ । ଇ ରଥ ସବୁ ବ୍ୟବସାୟୀ ଆର୍ ଟିକସ୍ ଦାତାମାନ୍‌କୁ ଠିକ୍

ସମିଆଥି ରିଟର୍ଣ୍ଣ ଦାଖଲ୍ ଆଉ ଜିଏସ୍‌ଟି ସର୍ବକ୍ଷମା ଯୋଜ୍‌ନା- ୨୦୨୪ ବାବ୍‌ଦେ ସଚେତନ୍ କରାବା । ଇ ଜିଏସ୍‌ଟି ସଚେତନତା ରଥ ଆଏବା ୨ ଦିନ୍ ଧରିକରି ସମ୍ବଲ୍‌ପୁର୍ ସହରର୍ ସବୁ ବ୍ୟବସାୟିକ ପ୍ରତିଷ୍ଠାନ୍ ବଜାର୍ ଆର୍ ବ୍ୟବସାୟ ଜାଗା ମାନ୍‌କେ ଯାଇକରି ସଚେତନ୍ କରାବା ।

ଆଧ୍ୟାତ୍ମିକ କାର୍ଯ୍ୟକ୍ରମ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ସ୍ୱୟଂଶାସିତ୍ ମହାବିଦ୍ୟାଳୟ ନ ଆଧ୍ୟାତ୍ମିକ ଚିନ୍ତା, ବିଜ୍ଞାନ୍ ଆର୍ ଜ୍ଞାନର୍ ବିକାଶ୍ ଲାଗି ଗୁଟେ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ କାର୍ଯ୍ୟକ୍ରମ୍‌ଥି ମାଉଂଟ୍‌ଆବୁର ଆଧ୍ୟାତ୍ମିକ ବ୍ରହ୍ମକୁମାର୍ ରୂପେଶ୍ କୁମାର୍ ଆର୍ ବ୍ରହ୍ମକୁମାରୀ ସୁମତୀ ଦିଦିଜୀ ଯୋଗ୍ ଦେଇକରି ଶିକ୍ଷା, ସନ୍ତୁଳନ ଆର୍ ସକରାତ୍ମକ ଉର୍ଜା ଜୀବନ୍‌ର ସଫଳତା ବାବ୍‌ଦେ ଆଲୋଚନା କରିଥିଲେ । ଇ କାର୍ଯ୍ୟକ୍ରମ୍‌ଥି କଲେଜ୍‌ର ଛାତ୍ରଛାତ୍ରୀ ଯୋଗ୍ ଦେଇଥିଲେ ।

ରେଲ୍ ମନ୍ତ୍ରଣାଳୟ- ସାଧାରଣ ଶ୍ରେଣୀ ବଗି ଆର୍‌ଏନ୍‌ୟୁ/ କଟକ୍

ସାଧାରଣ ଯାତ୍ରୀଙ୍କର୍ ସୁବିଧାକେ ନଜର୍‌ଥି ରଖିକରି ରେଲ୍‌ବାଇ ତର୍‌ଫୁ ଇ ମାସ ଶେଷ୍‌ତକ୍ ୧ ହଜାର୍ ସାଧାରଣ ଶ୍ରେଣୀ ବଗି ଲଗାଯିବା ବଲି ରେଲ୍ ମନ୍ତ୍ରଣାଲୟ ତର୍‌ଫୁ କୁହାଯାଇଛେ । ଗଲା ୩ ମାସ୍ ଭିତ୍‌ରେ ପାଖାପାଖି ୬ ଶହ ଟା ସାଧାରଣ ବଗି ଟ୍ରେନ୍ ମାନ୍‌କେ ଲଗାଯାଇଛେ । ବାକି ବଗିମାନ୍‌କେ ଆଏବା ମାସର୍ ଶେଷ୍‌ତକ୍ ଲଗାଯିବା । ସାଧାରଣ ଶ୍ରେଣୀଥି ୧ ହଜାର୍ ବଗି ଜୁଡ଼୍‌ବାର୍‌ନୁ ଫି' ଦିନ୍ ୧ ଲାଖ୍ ରେଲ୍‌ଯାତ୍ରୀ ସୁବିଧା ପାଏବେ ବଲି ରେଲ୍‌ବାଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲ୍ଲୀପ କୁମାର୍ କହିଛନ୍ ।

ଶୀତ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଜ୍ୟର୍ ଭିତ୍‌ରିଆ ଇଲାକା ନ ଗଲା ୩ ଦିନ୍ ହେଲା ତାପମାତ୍ରା କମିକରି ଶୀତ୍ ବଢ଼ିଛେ । ଆଏବା ୩ ଦିନ୍‌ତକ୍ ଇ ଥିତି ଜାରି ରହେବା । ସେନ୍ତା କୁହୁଡ଼ି ନେଇକରି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ସତର୍କ ସୂଚ୍‌ନା ଜାରି କରିଛେ । ଆଏଜ୍ ରାତି ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, ସମ୍ବଲପୁର, ବର୍‌ଗଡ଼୍, କଲାହାଣ୍ଡି, କେନ୍ଦୁଝର ଆର୍ କନ୍ଧମାଲ୍ ଜିଲ୍ଲା ନ ହାଲ୍‌କା ନୁ ମଧ୍ୟମ୍ ଧରଣ୍ କୁହୁଡ଼ି ହେଇପାରେ ବଲି ଅନୁମାନ୍ କରାଯାଇଛେ ।